# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 September – 2025

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଆଜି ଦେଶବ୍ୟାପୀ 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ଅନୁଷ୍ଠିତ ହେଉଛି ଏକ ଘଣ୍ଟା ଶ୍ରମଦାନ କାର୍ଯ୍ୟକ୍ରମ

– ଭୁବନେଶ୍ୱରଠାରେ ଆୟୋଜିତ ଗଣ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ଆବର୍ଜନାରୁ ଶକ୍ତି ଉତ୍ପାଦନ କରିବା ନେଇ ସରକାରଙ୍କ ନିଷ୍ପତ୍ତି

- ବିଶିଷ୍ଟ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ ତମ ଜୟନ୍ତୀ ଦେଶବ୍ୟାପୀ ପାଳିତ

ଏବଂ

- ବିଶ୍ୱ ବାଣିଜ୍ୟ, ଜଳବାୟୁ ଓ ଜୈବବିବିଧତାରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ସାମୁଦ୍ରିକ ଦିବସ

Desk

## ସ୍ୱଚ୍ଛତା ହିଁ ସେବା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଦେଶକୁ ସ୍ୱଚ୍ଛ ରଖିବା ପାଇଁ ଆଜି 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ଦେଶବ୍ୟାପୀ ଏକ ଘଣ୍ଟା ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ସ୍ୱଚ୍ଛତା ଅଭିଯାନକୁ ଏକ ପ୍ରେରଣାଦାୟୀ ପଦକ୍ଷେପ ରୂପେ ଉଲ୍ଲେଖ କରି ଏହା ଦେଶର ସମୂହ ଦାୟିତ୍ୱ ଏବଂ ଜାତୀୟ ଗର୍ବକୁ ସୂଚାଉଛି ବୋଲି କହିଛନ୍ତି। ଆଜି ସକାଳ ୮ଟାରୁ ସ୍ୱଚ୍ଛତା ଅଭିଯାନରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

Subarnpur

## ସଫେଇ ଅଭିଯାନ

ସୁବର୍ଣ୍ଣପୁର ଜିଲ୍ଲା ଓ ପୌର ପ୍ରଶାସନ ପକ୍ଷରୁ ଜିଲ୍ଲାର ପ୍ରମୁଖ ଶୈବପୀଠ ସୁବର୍ଣ୍ଣମେରୁ ମନ୍ଦିରରେ ଆଜି ସ୍ୱଚ୍ଛତା ହିଁ ସେବା ବାର୍ତ୍ତାକୁ ନେଇ ଏକ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ 'ଏକ ଦିନ, ଏକ ଘଣ୍ଟା, ଏକ ସଙ୍ଗେ' ବାର୍ତ୍ତାରେ ଅନୁପ୍ରାଣିତ ହୋଇ ଜିଲ୍ଲାପାଳ ନୃପରାଜ ସାହୁଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ ସଫେଇ କର୍ମୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସାହୁ କହିଛନ୍ତି...

**Byte**

# ଦୀନ ଦୟାଲ୍ - ଜୟନ୍ତୀ

ବିଶିଷ୍ଟ ରାଜନୀତିଜ୍ଞ, ଦାର୍ଶନିକ ଏବଂ ଏକାତ୍ମ ମାନବବାଦର ପ୍ରଣେତା ଜନନାୟକ ପଣ୍ଡିତ ଦୀନ ଦୟାଲ୍ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଆଜି ଦେଶବ୍ୟାପୀ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ତାଙ୍କର ଜାତୀୟତାବାଦୀ ଚିନ୍ତାଧାରା ଏବଂ ଅନ୍ତ୍ୟୋଦୟର ନୀତି ଦେଶକୁ ସମୃଦ୍ଧିର ପଥରେ ଅଗ୍ରସର କରାଇ ବିକଶିତ ଭାରତ ନିର୍ମାଣରେ ସହଯୋଗ କରିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଏବଂ ସେବାପକ୍ଷ ଅବସରରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟରେ ଆୟୋଜିତ ଗଣସଫେଇ ଅଭିଯାନରେ ସ୍ଥାନୀୟ ନାଗରିକଙ୍କ ସହ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସଫେଇ କରିଛନ୍ତି। ସମସ୍ତଙ୍କ ସାମୂହିକ ଉଦ୍ୟମରେ ଏକ ସ୍ୱଚ୍ଛ ଓ ସୁନ୍ଦର ଓଡ଼ିଶା ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭୁବନେଶ୍ୱରଠାରେ ଆୟୋଜିତ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହା ସହ ସ୍ୱଚ୍ଛତା ଅଭିଯାନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନ୍ତ୍ୟୋଦୟର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ତାଙ୍କ ଦୂରଦୃଷ୍ଟି ସମ୍ପନ୍ନ ବିଚାର ସମଙ୍କ ପାଇଁ ପ୍ରେରଣାର ଉତ୍ସ।

ଏହି ଅବସରରେ ଭୁବନେଶ୍ୱର ଜୟଦେବ ଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ନବରଙ୍ଗପୁର ଜିଲ୍ଲା ବିଜେପି ପକ୍ଷରୁ ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

HS

## ମୁଖ୍ୟମନ୍ତ୍ରୀ- ଶକ୍ତି ଉତ୍ପାଦନ

ରାଜ୍ୟରେ ଆର୍ବଜନାରୁ କୋଇଲା ଏବଂ ଶକ୍ତି ଉତ୍ପାଦନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଭୁବନେଶ୍ୱର ମହାନଗର ନିଗମରୁ ପ୍ରତିଦିନ ୮୦୦ ଟନ୍ ଅଳିଆ ଆବର୍ଜନା ବାହରୁଛି। ଏହାକୁ ବିଭିନ୍ନ ପଦ୍ଧତିରେ ପ୍ରକ୍ରିୟାକରଣ କରିବା ପାଇଁ ସ୍ୱତନ୍ତ୍ର ଭାବେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ତାଲିମ ଦିଆଯାଉଛି। ଭୁବନେଶ୍ୱରରେ ଆଗାମୀ ଦିନରେ ଆବର୍ଜନାରୁ ଶକ୍ତି, ବାୟୋଗ୍ୟାସ୍ କମ୍ପୋଷ୍ଟିଂ ଏବଂ ଆବର୍ଜନାରୁ ଅଙ୍ଗାର ପ୍ଲାଣ୍ଟ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଭୁବନେଶ୍ୱର, କଟକ, ପୁରୀ, ଜଟଣୀ ଭଳି ପ୍ରମୁଖ

ସହରରୁ ବାହାରୁ ଥିବା ଆର୍ବଜନାକୁ ଗୋଟିଏ ସ୍ଥାନକୁ ଅଣାଯାଇ ଶକ୍ତି ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖାଯାଇଛି ।

Desk

## ଆର୍‌ଏସ୍‌ଏସ୍

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଉପଲକ୍ଷେ ଓଡ଼ିଶାରେ ଆଜିଠାରୁ ଏକ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚଳିତ ବର୍ଷ ଅକ୍ଟୋବର ୨ ତାରିଖରୁ ଆସନ୍ତା ବର୍ଷ ବିଜୟାଦଶମୀ ପର୍ଯ୍ୟନ୍ତ ଶତବାର୍ଷିକୀ ପାଳନ କରିବ । ଏହି ଅବସରରେ ରାଜ୍ୟରେ ସଂଘ ସଦସ୍ୟ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ସେଥିମଧ୍ୟରୁ ପରିବେଶ ସଂରକ୍ଷଣ, ସାମାଜିକ ଦାୟିତ୍ୱ, ପରିବାର ପ୍ରବୋଧନ ଏବଂ ନାଗରିକ କର୍ତ୍ତବ୍ୟ ସମ୍ପର୍କରେ ଜନସାଧାରଙ୍କୁ ସଚେତନ କରାଯିବ । ଶତାବ୍ଦୀ ପୂର୍ତ୍ତି ଅବସରରେ ଯୁବ ସମ୍ମିଳନୀ, ସାମାଜିକ ସଦ୍‌ଭାବନା ବୈଠକ ଏବଂ ନାଗରିକ ଗୋଷ୍ଠୀର ଆୟୋଜନ କରାଯିବ ବୋଲି ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ସଂଘ ଚାଳକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

Desk

## ପ୍ରଧାନମନ୍ତ୍ରୀ– ମେକ୍ ଇନ୍ ଇଣ୍ଡିଆ

ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ଆଜି ୧୧ ବର୍ଷ ପୂରଣ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ‘ମେକ୍ ଇନ୍ ଇଣ୍ଡିଆ’ ପଦକ୍ଷେପର ୧୧ତମ ବାର୍ଷିକୀ ପାଳନ ଅବସରରେ, ଭାରତର ଆର୍ଥିକ ପରିଦୃଶ୍ୟ ଏବଂ

ଉଦ୍ୟୋଗ ବ୍ୟବସ୍ଥା ଉପରେ ଏହାର ସୁଦୂର ପ୍ରସାରୀ ପ୍ରଭାବ ରହିଥିବା କହିଛନ୍ତି ।  ଶ୍ରୀ ମୋଦୀ କହିଛନ୍ତି, ଭାରତର ଅଭିବୃଦ୍ଧିକୁ ଗତି ଦେବା ଏବଂ ଦେଶର ଶିଳ୍ପ ସମ୍ଭାବନାକୁ ଉପଯୋଗ କରିବା ପାଇଁ ୨୦୧୪ ମସିହାରେ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଆରମ୍ଭ କରାଯାଇଥିଲା । 'ମେକ୍ ଇନ୍ ଇଣ୍ଡିଆ' ଦେଶର ଆର୍ଥିକ ଶକ୍ତିକୁ ଅଗ୍ରଗତି କରାଇବା ସହ ଏବଂ ଆତ୍ମନିର୍ଭରଶୀଳତାର ମୂଳଦୁଆ ପକାଇଛି । ବିଭିନ୍ନ କ୍ଷେତ୍ରରେ ନବସୃଜନ ଏବଂ ନିଯୁକ୍ତି ସୃଷ୍ଟିକୁ ମଧ୍ୟ ଏହା ପ୍ରୋତ୍ସାହିତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

Desk

# ପିଏମ୍-ସେବାପର୍ବ

## Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାର କିପରି ପ୍ରତିରକ୍ଷା କ୍ଷେତ୍ରରେ ଉତ୍ପାଦନକୁ ସୁଦୃଢ଼ କରି ଦେଶକୁ ଆତ୍ମନିର୍ଭର କରିବା ସହ ବିଶ୍ୱ ପ୍ରତିରକ୍ଷା ବଜାରରେ ଭାରତକୁ ଏକ ଶକ୍ତିଭାବେ ପ୍ରତିଷ୍ଠା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ କାଳରେ ୨୦୨୪-୨୫ ବର୍ଷରେ ସର୍ବାଧିକ  ୧ ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରାଯାଇଛି। ୨୦୧୪-୧୫ ବର୍ଷରେ ଦେଶରେ ହୋଇଥିବା ପ୍ରତିରକ୍ଷା ଉତ୍ପାଦନର ଏହା ତିନିଗୁଣରୁ ଅଧିକ। ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଉଭୟ ସରକାରୀ ଓ ବେସରକାରୀ ଉଦ୍ୟୋଗ ଧାରାବାହିକ ବିକାଶ ହାସଲ କରିଛନ୍ତି। ଗତ ଦଶନ୍ଧିରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଦେଶର ଜାତୀୟ ସୁରକ୍ଷାରେ  'ମେକ୍ ଇନ୍ ଇଣ୍ଡିଆ' ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି।  ପାକିସ୍ତାନ ଅଧିକୃତ କାଶ୍ମୀର ଏବଂ ପାକିସ୍ତାନରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ଦମନ କରିବା କ୍ଷେତ୍ରରେ ଅପରେସନ୍ ସିନ୍ଦୂର ସମୟରେ ଏହା ପ୍ରତିଫଳିତ ହୋଇଛି।

**- V/O -PM**

ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଦେଶୀୟ ଜ୍ଞାନକୌଶଳ ଓ ବଳିଷ୍ଠ ନୀତି ଯୋଗୁଁ ଭାରତ ଏ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ସହ ବିଶ୍ୱସ୍ତରୀୟ ଗୁଣମାନ ହାସଲ କରିଛି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

Desk

# ଜିଏସ୍‌ଟି

ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳ କରିବା ଦିଗରେ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଚଳିତ ମାସ ୨୨ ତାରିଖଠାରୁ ଲାଗୁ ହୋଇଥିବା ସଂଶୋଧିତ ଜିଏସ୍‌ଟି ହାର ଯୋଗୁଁ ବର୍ତ୍ତମାନ ଜନସାଧାରଣଙ୍କୁ ସୁବିଧା ମିଳୁଛି। ନୂତନ ଜିଏସ୍‌ଟି ସଂସ୍କାରରେ ପୂର୍ବରୁ ଥିବା  ଚାରିଥାକିଆ ୫, ୧୨, ୧୮, ୨୮ ପ୍ରତିଶତ ଟିକସ ହାରକୁ ପରିବର୍ତ୍ତନ କରାଯାଇ ଦୁଇ ଥାକିଆ ୫ ଓ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଛି। ବିଭିନ୍ନ ଦ୍ରବ୍ୟ ଓ ସାମଗ୍ରୀରେ ଟିକସ ଦର ହ୍ରାସ କରାଯାଇଥିବାରୁ ଜନସାଧାରଣ ବହୁ ପରିମାଣରେ ଲାଭାନ୍ୱିତ ହେଉଛନ୍ତି। ପରବର୍ତ୍ତୀ ଜିଏସ୍‌ଟି ସଂସ୍କାରରେ ସରକାର ହସ୍ତଶିଳ୍ପ ସାମଗ୍ରୀ ଉପରେ ୭ ପ୍ରତିଶତ ଟିକସ ହ୍ରାସ କରିଛନ୍ତି। ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକ ଉପରେ ପୂର୍ବରୁ ୧୨ ପ୍ରତିଶତ ଟିକସ ଲାଗୁ କରାଯାଇଥିଲା। ଏବେ ଏହା ୫ ପ୍ରତିଶତକୁ ହ୍ରାସ ପାଇଛି। କାଠ, ପଥର ଓ ଧାତୁ ନିର୍ମିତ ପ୍ରତିମୂର୍ତ୍ତି ଏବଂ ହାତ ତିଆରି ମହମବତୀ, ରୋଷେଇ ସାମଗ୍ରୀ, ମାଟିରେ ତିଆରି ଟେରାକୋଟା ଆଦି ସାମଗ୍ରୀ ଉପରେ ଟିକସ ହ୍ରାସ କରାଯାଇଛି।

Raygada/Nayagarh

# ସ୍ୱାସ୍ଥ୍ୟସେବା ଶିବିର

ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ 'ସୁସ୍ଥ ନାରୀ, ସଶକ୍ତ ପରିବାର' ସମ୍ପର୍କିତ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସାମିଲ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଉପଲବ୍ଧ ମାତୃତ୍ୱ ସେବା ସହ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ, ଅଣସଂକ୍ରାମକ ରୋଗର ଚିହ୍ନଟ ଓ ଥାଲାସେମିଆ ରୋଗ ପରୀକ୍ଷଣର ସୁବିଧା ଉଠାଇବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟଗୁଡ଼ିକରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ସୂଚନା ଦେଇଥିଲେ।

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏହି ଅଭିଯାନ ଅଧୀନରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ଆଦିମ ଜନଜାତି ଡଙ୍ଗରିଆଙ୍କ ସମେତ ବହୁ ସଂଖ୍ୟାରେ ମହିଳାମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।

Desk

## ସାମୁଦ୍ରିକ ଦିବସ

ବିଶ୍ୱ ବାଣିଜ୍ୟ, ଜଳବାୟୁ ଓ ଜୈବ ବିବିଧତାରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ସାମୁଦ୍ରିକ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ସେପ୍ଟେମ୍ବର ମାସ ଶେଷ ଗୁରୁବାର ଦିନ ଏହି ଦିବସ ପାଳନ କରାଯାଇଥାଏ । ଚଳିତବର୍ଷ ସାମୁଦ୍ରିକ ଦିବସର ବିଷୟବସ୍ତୁ ରହିଛି "ଆମ ମହାସାଗର, ଆମ ଦାୟିତ୍ୱ, ଆମ ସୁଯୋଗ" ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ସାମୁଦ୍ରିକ ଦିବସରେ ଶୁଭେଚ୍ଛା ଜଣାଇ କହିଛନ୍ତି, ତପୋଇର କିମ୍ବଦନ୍ତୀ ଏବଂ ସାହସୀ ସାଧବ ପୁଅଙ୍କ ଯାତ୍ରା ଓଡ଼ିଶାର ଗୌରବର ଗାଥା ବହନ କରୁଛି ।

ବର୍ତ୍ତମାନର ପାରାଦ୍ୱୀପ ବନ୍ଦର ବାଣିଜ୍ୟକୁ ଶକ୍ତିଶାଳୀ କରିବା ସହ ଭବିଷ୍ୟତକୁ ଗଠନ କରୁଥିବା ବାହୁଡ଼ା ବନ୍ଦର ପର୍ଯ୍ୟନ୍ତ ସମୁଦ୍ର ସହ ରାଜ୍ୟର ସମ୍ପର୍କ ଅତ୍ୟନ୍ତ ଗଭୀର ବୋଲି ଶ୍ରୀ ମାଝୀ କହିଛନ୍ତି ।

Desk

## ଟେବୁଲ ଟେନିସ୍

ଭୁବନେଶ୍ୱରେ କଳିଙ୍ଗ ଷ୍ଟାଡିୟମ୍‌ର ଇଣ୍ଡୋର ଆଥଲେଟିକ୍ସ ସେଣ୍ଟରରେ ୨୮ତମ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ । ଏହା ପୂର୍ବରୁ ଆଜି କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଯାଇଛି । ୧୬ ବର୍ଷ ପରେ ଓଡ଼ିଶାରେ ପ୍ରଥମଥର ପାଇଁ ଏହି ଚାମ୍ପିଅନସିପ୍ ଆୟୋଜିତ ହେଉଛି । ୨୨ଟି ଦେଶର ପ୍ରାୟ ୪୫୦ରୁ ଉର୍ଦ୍ଧ୍ୱ ଖେଳାଳି ଏହି ଚାମ୍ପିଅନସିପ୍‌ରେ ଭାଗ ନେବେ ।

Desk

# ପାଣିପାଗ

କେନ୍ଦ୍ରୀୟ ମିଆଁମାର ଏବଂ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଜିସୁଦ୍ଧା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଲଘୁଚାପର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ନୂଆପଡ଼ା ଜିଲ୍ଲାରେ ସର୍ବାଧିକ ୮୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ମହାନଦୀର ଉପରମୁଣ୍ଡରେ ବର୍ଷାର ପରିମାଣ ବୃଦ୍ଧି ପାଇବା ଯୋଗୁଁ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି ।

**********************************